ଧରିତ୍ରୀ
DHARITRI
ସୋମବାର, ୫ ଡିସେମ୍ବର, ୨୦୨୨

## ନିଆଁ ପୁଇଁବା ବେଳେ ବୃଦ୍ଧା ଗୁରୁତର

ଆନନ୍ଦପୁର,(ସ୍ୱ.ପ୍ର.): କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳରେ ନିଆଁ ପୁଇଁ ହେବା ସମୟରେ ପୋଡ଼ି ହୋଇ ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ଗୁରୁତର ଜଣଙ୍କ ହେଲେ ଆନନ୍ଦପୁର ଥାନା ଅନ୍ତର୍ଗତ ବରେଶ୍ୱର ଗ୍ରାମର କୋକିଳ କର। ପରିବାର ଲୋକେ ତାଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଶରୀରର ୬୦ ଭାଗ ପୋଡ଼ିଯାଇଥିବା ଡାକ୍ତର କହିଛନ୍ତି। ସେ ରବିବାର ଶୀତୁଆ ସକାଳରେ ନିଆଁ ପୁଇଁ ହେବା ସମୟରେ ଅସାବଧାନତା ବସତଃ ତାଙ୍କ ଦେହରେ ନିଆଁରେ ଲାଗିଯାଇଥିଲା।



## ସଂକ୍ଷେପରେ

### ତେଲକୋଇରେ ବୁଲିଲେ ହାତୀପଲ

ତେଲକୋଇ,୪।୧୨(ଡି.ଏନ.ଏ): କେନ୍ଦୁଝର ଜିଲା ତେଲକୋଇ ବଜାରରେ ୨୦ ଟିକିଆ ହାତୀପଲ ବୁଲିଲେ। ଏଥିସହ ନିକଟସ୍ଥ ବାଡ଼ି ବଗିଚାରେ ପଶି ବ୍ୟାପକ ଫସଲ ନଷ୍ଟ କରିଛନ୍ତି। ଶନିବାର ସନ୍ଧ୍ୟା ସମୟରେ ହାତୀପଲ ତେଲକୋଇ ବଜାର ନିକଟ ହାଇସ୍କୁଲ ସାହିରେ ପଶିଥିଲେ। ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ୫୦ ବିଡ଼ା କଳେଇ ଖାଇବା ସହ ମହେଶ୍ୱର ପ୍ରଧାନ, ଗୁରୁଚରଣ ପ୍ରଧାନ, ଉମାକାନ୍ତ ପ୍ରଧାନ, ଦିଲ୍ଲୀପ ସାହୁଙ୍କ ପାଚିଲା ଧାନ କ୍ଷେତରେ ପଶି ନଷ୍ଟ କରିଛନ୍ତି। ଚାଷୀଙ୍କ ବନାଞ୍ଚଳ ଅଧିକାରୀ ଶିବାଜୀ ମୋହନ ରାଓ କହିଛନ୍ତି, ସମ୍ପୃକ୍ତ ଚାଷୀଙ୍କ ଆବଶ୍ୟକ କ୍ଷତିପୂରଣ ଦିଆଯିବ।

### ପ୍ରତିଶ୍ରୁତି ପରେ ଆମରଣ ଅନଶନ ପ୍ରତ୍ୟାହୃତ

ଭୋଗରାଇ,୪।୧୨(ଡି.ଏନ.ଏ.)- ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ପରିସରରେ ଗୋପୀନାଥପୁର ପଞ୍ଚାୟତବାସୀଙ୍କ ପକ୍ଷରୁ ଚାଲିଥିବା ଆମରଣ ଅନଶନ ବ୍ଲକ ପ୍ରଶାସନର ପ୍ରତିଶ୍ରୁତି ପରେ ଶନିବାର ସନ୍ଧ୍ୟାରେ ପ୍ରତ୍ୟାହୃତ ହୋଇଛି। ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି ହୋଇଥିବା ଅଭିଯୋଗ ସମ୍ପର୍କରେ ଭୋଗରାଇ ବିଡିଓ ଶଙ୍କର କୁମାର ପଟ୍ଟନାୟକ, ତହସିଲଦାର କମଳାକାନ୍ତ ପଣ୍ଡାଙ୍କ ସମେତ ବିଭାଗୀୟ ଅଧିକାରୀ ଆସନ୍ତା ୧୩ ତାରିଖରେ ପଞ୍ଚାୟତରେ ଉପସ୍ଥିତ ହୋଇ ସମସ୍ତ ଉନ୍ନୟନ କାର୍ଯ୍ୟର ସମୀକ୍ଷା ଏବଂ ତଦନ୍ତ କରିବାସହିତ ଦୁର୍ନୀତିର ତଥ୍ୟ ମିଳିଲେ କର୍ମଚାରୀଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆମରଣ ଅନଶନ ସାମୟିକ ଭାବେ ପ୍ରତ୍ୟାହୃତ ହୋଇଥିବା ଆନ୍ଦୋଳନକାରୀମାନେ କହିଛନ୍ତି। ସୂଚନା ଅନୁଯାୟୀ, ଏହି ପଞ୍ଚାୟତରେ ୨୦୨୦ରୁ ଅଦ୍ୟାବଧି ଏମ୍‌ଜିଏନ୍‌ଆର୍‌ଇଜିଏ ସହିତ ଅନ୍ୟାନ୍ୟ ଉନ୍ନୟନ ଯୋଜନାର ସରକାରୀ ଅର୍ଥରାଶିକୁ ପଞ୍ଚାୟତ ଓ ବ୍ଲକର କେତେଜଣ ଅସାଧୁ କର୍ମଚାରୀ, ନେତା ମିଳିତ ଭାବେ ହଡ଼ପ କରିଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି।

### ଜାନୁୟାରୀ ୬ରୁ ବାବା ଲଙ୍କେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ

ଖଇରା,୪।୧୨(ଡି.ଏନ.ଏ.)- ପ୍ରତ୍ୟେକ ବର୍ଷ ପରି ଖଇରା ବ୍ଲକ ଗଣ୍ଡିବେଡ଼ଠାରେ ଅନୁଷ୍ଠିତ ହୋଇ ଆସୁଥିବା ବାବା ଲଙ୍କେଶ୍ୱର ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟ ଚଳିତ ବର୍ଷ ଜାନୁଆରୀ ୬ତାରିଖରୁ ଗଣ୍ଡିବେଡ଼ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହେବ। ଏଥିରେ ୮ଟି ଟିମ୍ ଅଂଶ ଗ୍ରହଣ କରିବେ। ୧୪ତାରିଖ ମକର ସଂକ୍ରାନ୍ତିରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ଅଛି। ଏହି ଅବସରରେ ଏକ ପ୍ରସ୍ତୁତି ବୈଠକ ଅଭିମନ୍ୟୁ ରାଉଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସୁଶାନ୍ତ ମହାପାତ୍ର, ଗୋବର୍ଦ୍ଧନ ମହରଣା,ସପନ ଜେନା,ଜୀବନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରାମଦ ଜବତ, ମହିଳାଙ୍କ ସମେତ ୨ ଗିରଫ

ମୋରଡା,୪।୧୨(ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ କାନ୍ଦଣା ଓ ସାରାଶୋଳ ଗ୍ରାମରୁ ଚୋରା ଦେଶୀମଦ ଜବତ ସହ ମହିଳାଙ୍କ ସମେତ ୨ଜଣଙ୍କୁ ପୋଲିସ ଗିରଫ କରିଛି। କାନ୍ଦଣା ଗ୍ରାମରେ ପୋଲିସର ଚଢ଼ାଉ ବେଳେ ସୁନିତା ମାରାଣ୍ଡିଙ୍କ ପାଖରୁ ୨୦ ଲିଟର ଚୋରାମଦ ଜବତ କରାଯାଇଥିଲା। ଏନେଇ ଏକ ମାମଲା (ନଂ.୩୬୪/୨୨) ରୁଜୁ କରାଯାଇ ସୁନିତାଙ୍କୁ ଗିରଫ କରାଯାଇଛି। ସେହିପରି ସାରାଶୋଳ ଗ୍ରାମରେ ଚଢ଼ାଉ ବେଳେ ଧାରା ମୁର୍ମୁଙ୍କ ପାଖରୁ ୨୦ ଲିଟର ଚୋରାମଦ ଜବତ ହୋଇଛି।

# ଜଙ୍ଗଲରୁ ଜନପଦ ସବୁଠି ସଂଘର୍ଷ

## କେନ୍ଦୁଝରରେ କମୁନି ହାତୀ-ମଣିଷ ଲଢ଼େଇ

■୬ ବର୍ଷରେ ୩୨ ଗଜ, ୪୭ ଲୋକଙ୍କ ଗଲାଣି ଜୀବନ

■କ୍ଷତି ଅନୁଯାୟୀ ସହାୟତା ମିଳୁନି

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର,୪।୧୨

କେନ୍ଦୁଝର ଜିଲାରେ ହାତୀ ଉପଦ୍ରବ ଏବେ ନିତିଦିନିଆ ଘଟଣା ପାଲଟିଛି। ହାତୀପଲ ଜଙ୍ଗଲରେ ଖାଦ୍ୟ ଅଭାବ କାରଣରୁ ଗାଁ ମୁହାଁ ହେଉଛନ୍ତି। ଗ୍ରାମାଞ୍ଚଳରେ ଫସଲ ନଷ୍ଟ କରିବା ସହ ଘର ଭଙ୍ଗାରୁଜା କରୁଛନ୍ତି। ଏପରି କି ହାବୁଡ଼ରେ ପଡ଼ିଲେ ଲୋକଙ୍କୁ ମାରୁଛନ୍ତି। ଶିକାରୀ ମଧ ଜଙ୍ଗଲରେ ବିଦ୍ୟୁତ୍ ତାର ବିଛାଇ, ଗୁଳିକରି ହାତୀ ଶିକାର କରୁଛନ୍ତି। ଫଳରେ ଜିଲାରେ ହାତୀ ଓ ମଣିଷ ମଧ୍ୟରେ ତିକ୍ତତା ବୃଦ୍ଧି ପାଉଥିବା ବେଳେ ହାତୀ ବଞ୍ଚିବା ପାଇଁ ଜଙ୍ଗଲ ଓ ଜନବସତି ସବୁଠି ସଂଘର୍ଷ କରିବାକୁ ପଡୁଛି। ହାତୀଙ୍କୁ ସୁରକ୍ଷା ସହ ଲୋକଙ୍କ ଧନଜୀବନର ରକ୍ଷା କରିବାରେ ବନ ବିଭାଗ ବିଫଳ ହେଉଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ହାତୀ-ମଣିଷ ଲଢ଼େଇ ରୋକିବାକୁ ବିଭାଗ ପକ୍ଷରୁ ମେସେଜ ପଠାଇବା, ଟ୍ରେଞ୍ଚ ଖୋଳା ଭଳି ବିଭିନ୍ନ ପଦକ୍ଷେପ ନିଆଯାଉଛି। ମାତ୍ର କେନ୍ଦୁଝର ଡିଭିଜନରେ କର୍ମଚାରୀ ଅଭାବ କାରଣରୁ ଯୋଜନାର ସୁଫଳ ମିଳୁନାହିଁ। ଫଳରେ ଅନେକ ସମୟରେ ହାତୀ ମୃତ୍ୟୁର ବହୁ ବିଳମ୍ବରେ ଖବର ପହଞ୍ଚୁଛି ଏବଂ ଗଳିତ ମୃତଦେହ ଉଦ୍ଧାର ହେଉଛି। ଅନ୍ୟପକ୍ଷେ ମିଳୁଥିବା କ୍ଷତିପୂରଣ ପ୍ରକୃତ କ୍ଷୟକ୍ଷତି ପରିମାଣଠାରୁ ବହୁତ କମ୍ ବୋଲି ଅଭିଯୋଗ ହେଉଛି।

ବନ ବିଭାଗ ତଥ୍ୟ ଅନୁଯାୟୀ, ଗତ ୬ ବର୍ଷ ମଧ୍ୟରେ କେନ୍ଦୁଝର ଡିଭିଜନରେ ସମୁଦାୟ ୩୧ଟି ହାତୀଙ୍କ ମୃତ୍ୟୁ ହୋଇଥିବା ବେଳେ ସେଥିରୁ ୮ଟି ସ୍ୱାଭାବିକ ଓ ଅବଶିଷ୍ଟ ୨୩ଟିର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ସେଥିରୁ ଟ୍ରେନ୍ ଦୁର୍ଘଟଣାରେ ୪ଟି, ସଡ଼କ ଦୁର୍ଘଟଣାରେ ୩ଟି, ବିଦ୍ୟୁତ୍ ଆଘାତରେ ୫ଟି, ରୋଗରେ ୧୧ଟି ହାତୀ ମୃତ୍ୟୁବରଣ କରିଛନ୍ତି। ୨୦୧୭-୧୮ ମସିହାରେ ୨ଟି ହାତୀ ମୃତ୍ୟୁବରଣ କରିଥିବା ବେଳେ ୨୦୧୮-୧୯ରେ ୩, ୨୦୧୯-୨୦ରେ ୬, ୨୦୨୦-୨୧ରେ ୭, ୨୦୨୧-୨୨ରେ ୭ ହାତୀଙ୍କ ମୃତ୍ୟୁ ହୋଇଛି। ୨୦୨୨-୨୩ରେ ଅଦ୍ୟାବଧି ୭ ହାତୀଙ୍କ ମୃତ୍ୟୁ ଘଟିଥିବା ବେଳେ ବର୍ଷ ଶେଷବେଳକୁ ସୁରକ୍ଷା ଦିଆ ନ ଗଲେ ଅଧିକ ହାତୀଙ୍କ ମୃତ୍ୟୁ ଘଟିବା ସମ୍ଭାବନା ରହିଛି। ହାତୀ ଆକ୍ରମଣରେ ୨୦୧୮ରୁ ଅଦ୍ୟାବଧି ୪୭ ଜଣଙ୍କ ପ୍ରାଣହାନୀ ଘଟିଛି। ସେଥିରୁ ୨୦୧୮-୧୯ରେ ସର୍ବାଧିକ ୧୪ ଜଣ, ୨୦୧୯-୨୦ରେ ୯ ଜଣ, ୨୦୨୦-୨୧ରେ ୬ ଜଣ, ୨୦୨୧-୨୨ରେ ୧୪ ଜଣ, ୨୦୨୨-୨୩ରେ ଚଳିତ ଗତ ନଭେମ୍ବର ପର୍ଯ୍ୟନ୍ତ ୪ ଜଣଙ୍କ ମୃତ୍ୟୁ ହୋଇଛି। ସେ ବାବଦରେ ସମୁଦାୟ ୧ କୋଟି ୮୮ଲକ୍ଷ ଟଙ୍କା କ୍ଷତିପୂରଣ ପୈଠ ହୋଇଛି। ଏହି ସମୟ ମଧ୍ୟରେ ୨୦୦ ଜଣ ଆହତ ହୋଇଥିବା ବେଳେ ସେଥିରୁ ୮ ଜଣ ଶାରୀରିକ ଅକ୍ଷମ ହୋଇଥିବା ଜଣାପଡ଼ିଛି। ଆହତମାନଙ୍କୁ ସମୁଦାୟ ୧୭ ଲକ୍ଷ ୬୦ ହଜାର ଟଙ୍କା କ୍ଷତିପୂରଣ ଦିଆସରିଛି। ମାତ୍ର ଠିକ୍ ଆକଳନ ହେଉ ନ ଥିବାରୁ ଚାଷୀମାନେ ପ୍ରକୃତ କ୍ଷୟକ୍ଷତି ପାଇପାରୁନାହାନ୍ତି ବୋଲି ନେଲୁଙ୍ଗ ଗ୍ରାମର ସଞ୍ଜୟ ପଣ୍ଡା କହିଛନ୍ତି। ସେହିପରି ସଦର ବ୍ଲକ୍ ଅଧୀନ ତାଳପଦା ଗ୍ରାମର ଚାଷୀ ଭାଗୀରଥି ସିଂ, ସଞ୍ଜୟ ପଣ୍ଡା କହିଛନ୍ତି ହାତୀମାନଙ୍କ ପାଇଁ ରାତି ଅନିଦ୍ରା ରହିବାକୁ ପଡୁଛି। ବନ ବିଭାଗ ଘଉଡ଼ାଇବାରେ ବିଫଳ ହେଉଛି। ଫଳରେ ଜମିରୁ ଫସଲ, ବାଡ଼ିବଗିଚାରୁ ପନିପରିବା ବହୁ ପରିମାଣରେ କ୍ଷତି ହେଉଛି। ଧାରକରଜ କରି ଚାଷ କରିଥିବା ଚାଷୀ କ୍ଷତିଗ୍ରସ୍ତ ହେଉଥିବା ବେଳେ ଅନେକେ ହାତୀ ଦାଉରୁ ଚାଷ କାର୍ଯ୍ୟ ଛାଡ଼ିବାକୁ ବାଧ ହେଉଛନ୍ତି ବୋଲି କହିଛନ୍ତି। ୨୦୧୮-୧୯ରୁ ଅଦ୍ୟାବଧି ସମୁଦାୟ ୧୩୩୨୯ ଜଣଙ୍କ ୧୦,୭୩୨, ୮୬୬ ଏକର ଫସଲ ହାନୀ ହୋଇଛି। ସେ ବାବଦକୁ ୩,୮୨, ୫୨,୨୭୬ ଟଙ୍କା କ୍ଷତିପୂରଣ ଦିଆଯାଇଛି। ସେହିପରି ୭୮୧ ଲୋକଙ୍କ ମଧ୍ୟରୁ ୪୭୩ ଆଂଶିକ ଓ ୩୦୮ଜଣଙ୍କ ସମ୍ପୂର୍ଣ୍ଣ ଘର ଭାଙ୍ଗିଯାଇଥିବା ବେଳେ ସେ ବାବଦକୁ ୪୦ଲକ୍ଷ ୯୬ହଜାର ଟଙ୍କା କ୍ଷତିପୂରଣ ଦିଆଯାଇଥିବା ବନ ବିଭାଗ ସୂଚନା ଦେଇଛି।

ଡିଏଫ୍‌ଓ ଏଚ୍‌ଡି ଧନରାଜ କହିଛନ୍ତି ଯେ, ମଣିଷଙ୍କ ସୁରକ୍ଷା ପାଇଁ ଲୋକଙ୍କୁ ମେସେଜ ଓ ମାଇକରେ ଆଗୁଆ ସଚେତନ କରାଯାଉଛି। ଏଥିସହ ଡ୍ରୋନ୍ ମାଧ୍ୟମରେ ହାତୀପଲଙ୍କ ଗତିବିଧି ଉପରେ ନଜର ରଖି ଜନବସତି ଅଞ୍ଚଳରୁ ଜଙ୍ଗଲକୁ ଘଉଡ଼ାଇବା ପାଇଁ ବ୍ୟବସ୍ଥା କରାଯାଉଛି। ଅନେକ ସ୍ଥାନରେ ଟ୍ରେଞ୍ଚ ଖୋଳାଯିବା ସହ ସୋଲାର ଫେନସିଙ୍ଗ ବ୍ୟବସ୍ଥା କରାଯାଉଛି। ଅନେକ କ୍ଷେତ୍ରରେ ଲୋକଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଉଛି। ହାତୀମାନଙ୍କ ସୁରକ୍ଷା ପାଇଁ ସେମାନଙ୍କ ଉପରେ ନଜର ରଖି ଟ୍ରାକିଂ ହେଉଛି। ହାତୀଙ୍କୁ ଆକ୍ରମଣକାରୀ ଓ ଶିକାରୀଙ୍କ ଉପରେ କଡ଼ା ନଜର ରଖି ଧରପଗଡ଼ କରାଯାଉଛି ବୋଲି ସେ କହିଛନ୍ତି।

ପରିବେଶବିତ୍ ତଥା ଚାଷୀନେତା ରାଧାକାନ୍ତ ମହାନ୍ତ କହିଛନ୍ତି, ହାତୀ ଓ ମଣିଷ ଲଢ଼େଇ ରୋକିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବା ଜରୁରୀ। ହାତୀମାନଙ୍କ ସୁରକ୍ଷା ପାଇଁ ସେମାନଙ୍କ ଆବାସସ୍ଥଳୀର ସୁରକ୍ଷା ସହ ବନାଞ୍ଚଳରେ ବ୍ୟାପକ ପରିମାଣରେ ଖାଦ୍ୟ ବ୍ୟବସ୍ଥା କରିବା ଆବଶ୍ୟକ। ସେହିପରି ସେମାନଙ୍କ ସୁରକ୍ଷା ପାଇଁ ବହୁ ଆଗରୁ ପ୍ରସ୍ତୁତ କରାଯାଇଥିବା ପ୍ରସ୍ତାବିତ ବୈତରଣୀ ହସ୍ତୀ ଅଭୟାରଣ୍ୟ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବା ଦରକାର।

### ୧୩୯ ପଦବୀରୁ ୭୯ ଗାର୍ଡ ନାହାନ୍ତି

ହାତୀ ଉପଦ୍ରବ ସାଙ୍ଗକୁ ଖଣି ଅଞ୍ଚଳରେ ଚୋରା କାରବାର, କାଠ ଚୋରାଚାଲାଣ, ପଶୁ ଶିକାର ଭଳି ସମସ୍ୟାକୁ ବନ ବିଭାଗ ପ୍ରତିହତ କରୁଛି। ଏହା ବ୍ୟତୀତ ବନୀକରଣ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଯୋଜନା (ଏମଜିଏନ୍‌ଆରଇଜିଏସ୍)ରେ ବିଭିନ୍ନ ଉନ୍ନୟନମୂଳକ କାମ ମଧ କରୁଛି। ମାତ୍ର କେନ୍ଦୁଝର ଡିଭିଜନରେ ସମୁଦାୟ ୨୩୭ ଜଣ କର୍ମଚାରୀରୁ ୧୨୫ ଜଣ ନିଯୁକ୍ତି ପାଇଛନ୍ତି। ଅବଶିଷ୍ଟ ୧୧୨ ପଦବୀ ଖାଲିପଡ଼ିଛି। ସବୁଠାରୁ ଅଧିକ ତୃଣମୂଳସ୍ତରରେ କାମ କରୁଥିବା ଫରେଷ୍ଟ ଗାର୍ଡଙ୍କ ୧୩୯ ପଦବୀରୁ ମାତ୍ର ୬୦ ଜଣ ଗାର୍ଡ ରହିଥିବା ବେଳେ ୭୯ ପଦବୀ ଖାଲିପଡ଼ିଛି। ଜଣେ ଗାର୍ଡ ଦୁଇ, ତିନୋଟି ବିଟ୍ ଦାୟିତ୍ୱରେ ରହିଥିବାରୁ ହାତୀ ଟ୍ରାକିଂ ସହିତ ଅନ୍ୟାନ୍ୟ କାମ କରିବା ସୁବିଧା ଜନକ ନୁହେଁ ବୋଲି ପରିବେଶବିତ୍ ହରେକୃଷ୍ଣ ମହାନ୍ତ ମତବ୍ୟକ୍ତ କରିଛନ୍ତି।

## ଯୁବକଙ୍କୁ କଚାଡ଼ି ମାରିଲା ହାତୀ

ଠାକୁରମୁଣ୍ଡା,୪।୧୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ୍ ସାତକୋଶିଆ ରେଞ୍ଜରେ ଜଣେ ଯୁବକଙ୍କୁ ହାତୀ ଶୁଣ୍ଢରେ କଚାଡ଼ି ମାରି ଦେଇଛି। ମୃତ ଯୁବକ ଶରତ ଥାନା ଅନ୍ତର୍ଗତ ନୋଟ ଗ୍ରାମର ଶାସ୍ତ୍ରୀ ବାନରା (୩୧)। ସେ ଭାଲିଆଡ଼ାଳ ପଞ୍ଚାୟତ ଅସୁରଖାଲ ହୁଡ଼ି ସାହିରେ ପରିବାର ସହ ରହୁଥିଲେ। ତାଙ୍କ ସ୍ତ୍ରୀ ହାତୀପଲଙ୍କ ଆକ୍ରମଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

ସୂଚନା ଅନୁଯାୟୀ, ରବିବାର ଶାସ୍ତ୍ରୀ ତାଙ୍କ ବାପା ଜାଣ୍ଡାଇକୁ ଖୋଜିବା ପାଇଁ ଜରକ ନିକଟ ପଣପୋଷି ଗ୍ରାମକୁ ସ୍ତ୍ରୀ ବଲମାଙ୍କ ସହିତ ଜଙ୍ଗଲ ରାସ୍ତାରେ ଯାଉଥିଲେ। ବାଟରେ ଅସୁରଖାଲ ନିକଟରେ ହାତୀପଲ ହାବୁଡ଼ରେ ପଡ଼ିଯାଇଥିଲେ। ବଲମା ଘଟଣାସ୍ଥଳରୁ ଦୌଡ଼ି ପଳାଇଯାଇଥିବା ବେଳେ ଶାସ୍ତ୍ରୀଙ୍କୁ ଏକ ହାତୀ ଶୁଣ୍ଢରେ କଚାଡ଼ି ଦେଇଥିଲା। ଖବର ପାଇ ସାତକୋଶିଆ ରେଞ୍ଜ ଅଧିକାରୀ ରବୀନ୍ଦ୍ର ମହାନ୍ତ, ମହୁଲଡ଼ିହା ଆଇଆଇସି ସଞ୍ଜୀବ ପରିଡ଼ା ଓ ଅନ୍ୟ ବନବିଭାଗ କର୍ମଚାରୀ ଜଙ୍ଗଲ ଭିତରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ଆକ୍ରମଣ କରିଥିବା ହାତୀପଲରେ ୧୭ ହାତୀ ଥିବାର ଜଣାପଡ଼ିଛି।

## ସଙ୍ଗୀତ, ନୃତ୍ୟ ଓ ଏକକ ଅଭିନୟ ପ୍ରତିଯୋଗିତା



ଅତିଥିମାନେ ପ୍ରତିଯୋଗିତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

ବାଲେଶ୍ୱର ଅଫିସ,୪।୧୨

ବାଲେଶ୍ୱର ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟର ନାଟ୍ୟ ସଂସଦ ଦ୍ୱାରା ଉତ୍ତରାୟଣ ରଙ୍ଗମଞ୍ଚରେ ମେଗା ସଙ୍ଗୀତ, ନୃତ୍ୟ ଓ ଏକକ ଅଭିନୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।

ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ରଣାଙ୍କ ଅନୁମତି କ୍ରମେ ବାର୍ଷିକ ଉତ୍ସବର ଏକ ଅଂଶ ରୂପେ କାର୍ଯ୍ୟକ୍ରମ ୨ ଦୁଇଦିନ ଧରି ସମ୍ପାଦିତ ହୋଇଥିଲା। ସଙ୍ଗୀତ ପ୍ରତିଯୋଗିତାରେ ବିଚାରକ ଭାବେ ପ୍ରଖ୍ୟାତ ସଙ୍ଗୀତଜ୍ଞ ଦେବଶ୍ରୀ ମହାନ୍ତି, ସୁଜିତ ଭୋଇ, ବିଶିଷ୍ଟ ସଂଗୀତଜ୍ଞ ଓ ଭୟସ ଅଫ୍ ଓଡ଼ିଶାର ବିଜେତା ଓ ଡ.ଅଭିଜିତ ଦାସ,ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ମୁଖ୍ୟ ପ୍ରମୁଖ ଯୋଗଦାନ କରିଥିଲେ। ନୃତ୍ୟରେ ବିଚାରକ ଭାବେ ଡକ୍ଟର ସସ୍ମିତା ପଣ୍ଡା,ସହକାରୀ ପ୍ରଫେସର,ରସାୟନ ବିଜ୍ଞାନ ବିଭାଗ ,ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ରାମିୟା ହୁଇ, ଟିଭିର ବିଭିନ୍ନ ରିୟଲିଟୀ ସୋର ବିଜେତା ଅନନ୍ୟା ପରିଡ଼ା ଏକକ ଅଭିନୟ ପ୍ରତିଯୋଗିତାରେ ବିଚାରକ ଭାବେ ଯୋଗ ଦେଇଥିଲେ। ଡ. ଭାଗବତ ଭୂୟାଁ, ଡ. ସନ୍ତୋଷ କୁମାର ରାଉତ ଓ ପ୍ରଦୀପ କୁମାର ଶତପଥୀ ଏହାକୁ ପରିଚାଳନା କରିଥିଲେ। ମହାବିଦ୍ୟାଳୟ ନାଟ୍ୟ ସଂସଦର ମୁଖ୍ୟ ଅଧିକାରୀ ସୋନାଲିସା ମହାନ୍ତି, ସହ ଅଧିକାରୀ ଅଧାପିକା ଅଞ୍ଜନା ବେହେରା, ବୈଶାଳୀ ପଣ୍ଡା, ପାପିୟା ପଲ, ଅଧାପକ ଶୁଭକାନ୍ତ ସେଠୀ ଓ ଚିନ୍ମୟ ମେହେରଙ୍କ ତତ୍ତ୍ୱାବଧାନରେ ୨୦୦ ଛାତ୍ରୀଛାତ୍ର ଆଧୁନିକ, କ୍ଲାସିକାଲ ସଙ୍ଗୀତ, ନୃତ୍ୟ ଓ ଏକକ ଅଭିନୟ ପ୍ରଦର୍ଶନ କରିଥିଲେ। କୃତି ଛାତ୍ରୀଛାତ୍ରମାନଙ୍କୁ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଘୋଷଣା କରାଯାଇଥିଲା। ମହାବିଦ୍ୟାଳୟର ସମସ୍ତ ଅଧାପିକା, ଅଧାପକ ଓ କର୍ମଚାରୀ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ସାଆଁଳପୁରରେ ଅଗ୍ନିକାଣ୍ଡ

**୨ ବଖରା ଜଳିଗଲା, ଗାଈ, ଛେଳି ଜୀବନ୍ତ ଦଗ୍ଧ**

ଆରଡ଼ି, ୪।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ଧୂଷୁରୀ ଥାନା ଅଧୀନ ସାଆଁଳପୁର ଗାଁରେ ରବିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ଭାଗୀରଥି ଜେନାଙ୍କ ୨ ବଖରା ଘର ଓ ଗୁହାଳ ଜଳିଯାଇଛି। ଘରେ ଥିବା ଆସବାବପତ୍ର, ଧାନ, ଚାଉଳ ପୋଡ଼ି ନଷ୍ଟ ହୋଇଯାଇଥିବା ବେଳେ ତାଙ୍କର ଗୋଟିଏ ଲେଖାଏ ଗାଈ, ବାଛୁରୀ ଓ ୩ ଛେଳି ଜୀବନ୍ତ ଦଗ୍ଧ ହୋଇଛନ୍ତି। ଖବରପାଇ ଧାମନଗର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ପାଳସାହିର ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ନାୟକ ଅଗ୍ନିବିପନ୍ନଙ୍କ ପାଖରେ ପହଞ୍ଚି ଶୁଖିଲା ଖାଦ୍ୟ ଯୋଗାଇ ଦେଇଛନ୍ତି।

## ଆନ୍ତଃ ମହାବିଦ୍ୟାଳୟ ଆଥଲେଟିକ ମିଟ୍ ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ସଫଳତା

ଖୁଣ୍ଟା,୪।୧୨(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର(ଏମ୍‌ପିସି) ମହାବିଦ୍ୟାଳୟଠାରେ ଅୟୋଜିତ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ଆଥଲେଟିକ ମିଟ୍‌ରେ ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟକୁ ସଫଳତା ମିଳିଛି। ପ୍ରତିଯୋଗିତାରେ ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ ଓ ଏମ୍‌ପିସି ମହାବିଦ୍ୟାଳୟ ଯୁଗ୍ମଚାମ୍ପିୟନ ଘୋଷିତ ହୋଇଛନ୍ତି। ପ୍ରତିଯୋଗିତାରେ ପୁରୁଷ ବିଭାଗରୁ ଖୁଣ୍ଟା ମହାବିଦ୍ୟାଳୟର ସୁନାରାମ ମୁର୍ମୁ ଲଙ୍ଗଜମ୍ପ, ଡିସ୍‌କସ ଥ୍ରୋ ଏବଂ ଜାଭେଲିଂ ଥ୍ରୋରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏମ୍‌ପିସି ମହାବିଦ୍ୟାଳୟର ସିଦ୍ଧାର୍ଥ ଗୌତମ ଜେନାଙ୍କ ସହ ଯୁଗ୍ମ ଏକକ ଚମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ସେହିପରି ମହିଳା ବିଭାଗର ଖୁଣ୍ଟା ମହାବିଦ୍ୟାଳୟର ସୁଭଦ୍ରା ମାରାଣ୍ଡି ଲଙ୍ଗଜମ୍ପରେ ପ୍ରଥମ, ଟ୍ରିପୁଲ ଜମ୍ପରେ ୨ୟ ଏବଂ ୧ ଶହ ମିଟର ଦୌଡ଼ରେ ୩ୟ ସ୍ଥାନ ଅଧିକାର କରିଥିଲେ। ରିଲେ ରେସ୍‌ରେ ମଧ ଖୁଣ୍ଟା ମହାବିଦ୍ୟାଳୟ ଦ୍ୱିତୀୟସ୍ଥାନ ଅଧିକାର କରିଛି। ସୂଚନା ଥାଉକି, ପ୍ରତିଯୋଗିତାରେ ବିଭିନ୍ନ ମହାବିଦ୍ୟାଳୟରୁ ମୋଟ ୨୦୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିବା ବେଳେ ଏମ୍‌ପିସି ମହାବିଦ୍ୟାଳୟର କ୍ରୀଡ଼ା ପ୍ରଶିକ୍ଷକ ସତ୍ୟନାରାୟଣ ବାରିକ ପରିଚାଳନା କରିଥିଲେ। ଏମ୍‌ପିସି ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଜ୍ଞଶ୍ରୀ ପ୍ରଫେସର ଦମୟନ୍ତୀ ବେଶ୍ରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉଭୟ କଲେଜର ଅଧାପକ ଓ କ୍ରୀଡା ପ୍ରଶିକ୍ଷକମାନେ ଉପସ୍ଥିତ ଥିଲେ।

## ନୃତ୍ୟଗୀତରେ କମ୍ପିଲା ବିଦ୍ୟାଳୟ ପରିସର

ଖଇରା,୪।୧୨(ଡି.ଏନ.ଏ.)

**ଖଇରାରେ ବିଶ୍ୱ ଦିବ୍ୟାଙ୍ଗ ଦିବସ**

ଖଇରା ସ୍ଥିତ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଶ୍ୱ ଦିବ୍ୟାଙ୍ଗ ଦିବସ ପ୍ରତିଯୋଗିତା ଓ ସଭା ଆୟୋଜନ ମାଧ୍ୟମରେ ପାଳିତ ହୋଇଯାଇଛି। ବ୍ଲକ ଅଧୀନ ବିଭିନ୍ନ ଅଞ୍ଚଳରୁ ଆସିଥିବା ଦିବ୍ୟାଙ୍ଗ ଛାତ୍ରୀଙ୍କ ନୃତ୍ୟଗୀତରେ ପ୍ରାଥମିକ ବିଦ୍ୟାଳୟ କ୍ୟାମ୍ପସ୍ କମ୍ପିଥିଲା। ପ୍ରଥମେ ଏକ ର୍ୟାଲି ଖଇରା ବଜାର ପରିକ୍ରମା କରି ପ୍ରାଥମିକ ବିଦ୍ୟାଳୟ ପରିସରରେ ପହଞ୍ଚିଥିଲା। ଏବିଇଓ ଶ୍ରୀଧର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ପୂର୍ବତନ ବିଇଓ ସୁଦର୍ଶନ ରାଉତ ମୁଖ୍ୟଅତିଥି, ଏବିଇଓ ଗୌରାଙ୍ଗ ମହାପାତ୍ର ଓ ହେମନ୍ତ ମିଶ୍ର, ଶିକ୍ଷକ ନେତା କୈଳାସ ଚନ୍ଦ୍ର ବେହେରା, ଶରତ ଚନ୍ଦ୍ର ପଣ୍ଡା, ଜୟନ୍ତ କୁମାର ପଣ୍ଡା, ଗୋଷ୍ଠୀ ସମ୍ବଳ ଶିକ୍ଷକ ମନୋଜ କୁମାର ମହାପାତ୍ର ଓ ଭାଗିରଥୀ ନାୟକ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସଭାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



ଜଣେ ଦିବ୍ୟାଙ୍ଗ ଛାତ୍ରୀ ନୃତ୍ୟ ପରିବେଷଣ କରୁଛନ୍ତି।

## ପାଣି ଟ୍ୟାଙ୍କର ଓଲଟି ହେଲ୍‌ପରଙ୍କ ମୃତ୍ୟୁ

ପାଟଣା,୪।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଶରଧାପୁର ବାଉଁଶୁଳି ରାସ୍ତା ଜଡ଼ିଚାତର ନିକଟରେ ରବିବାର ଏକ ପାଣି ଟ୍ୟାଙ୍କର ଓଲଟି ପଡ଼ିଛି। ଟ୍ୟାଙ୍କର ତଳେ ଚାପି ହୋଇ ଜଣେ ହେଲ୍‌ପରଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ କେନ୍ଦୁଝର ସଦର ଥାନା କୁମୁଲା ବାହାଳି ଗ୍ରାମ ପୋଇପାଣି ସାହିର ରାଜୁ ମୁଣ୍ଡା। ତୁରୁମୁଙ୍ଗା ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଘଟଣାର ତଦନ୍ତ ଚାଲିଥିବା ଥାନାଧିକାରୀ ମଦନମୋହନ ନାଏକ କହିଛନ୍ତି।

# ଯୁବତୀଙ୍କ ଆତ୍ମହତ୍ୟାକୁ ନେଇ ଉତ୍ତେଜନା

ଭଦ୍ରକ ଅଫିସ,୪।୧୨

### ଥାନାରେ ଏତଲା ଦେଲେ ମା'

ଭଦ୍ରକ ଟାଉନ ଥାନା ଅଧୀନ ଚରମ୍ପା ବରାଳପୋଖରୀ ଗ୍ରାମରେ ଜଣେ ଯୁବତୀ ଶନିବାର ସନ୍ଧ୍ୟାରେ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବତୀ ହେଲେ ଆଶାରାଣୀ ସେଠୀ। ଏହାକୁ ନେଇ ରବିବାର ସକାଳେ ଜିଲା ମୁଖ୍ୟ ଚିକିତ୍ସାଳୟ ଆଗରେ ଉତ୍ତେଜନା ଦେଖାଦେଇଥିଲା। ଜଣେ ଯୁବକଙ୍କ ପାଇଁ ତାଙ୍କ ଝିଅ ଆତ୍ମହତ୍ୟା କରିଥିବା ଅଭିଯୋଗ ଆଣି ମୃତ ଯୁବତୀଙ୍କ ପରିବାର ଲୋକେ ହୋହଲ୍ଲା କରିଥିଲେ। ଏନେଇ ସେମାନେ ଟାଉନ ଥାନାରେ ଏତଲା ଦେଇଛନ୍ତି।

ମୃତ ଯୁବତୀଙ୍କ ମା' ରଞ୍ଜିତା ସେଠୀ ଅଭିଯୋଗ କରିଛନ୍ତି ଯେ, ଶନିବାର ସେ ତାଙ୍କ ପୁଅ ସହ ବଜାରକୁ ଯାଇଥିଲେ। ବଜାରରୁ ଫେରିବା ପରେ ଭିତରୁ କବାଟ ବନ୍ଦ ଥିବା ଦେଖି ବାରମ୍ବାର ତାଙ୍କ ଝିଅକୁ ଡାକିଥିଲେ ମଧ ଜବାବ ମିଳି ନ ଥିଲା। ଏଣୁ ସେ କବାଟକୁ ଧକ୍କା ମାରି ଖୋଲିଥିଲେ। ଘର ଭିତରେ ତାଙ୍କ ଝିଅ ନିଜ ଓଢ଼ଣୀ ବେକରେ ଗୁଡ଼ାଇ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଝିଅର ଆତ୍ମହତ୍ୟା ପାଇଁ ଗ୍ରାମର ଜଣେ ଯୁବକ ହିଁ ଦାୟୀ। ସେ କିଛିଦିନ ତଳେ ତାଙ୍କ ଝିଅକୁ ଗାଳିଗୁଲଜ କରିଥିଲେ। ଉକ୍ତ ଯୁବକଙ୍କୁ ଗିରଫ କରାଯିବା ପାଇଁ ସେ ଦାବି କରିଛନ୍ତି। ସକାଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ହେଉଥିବା ବେଳେ ପରିବାର ଲୋକେ ଡାକ୍ତରଖାନା ଆଗରେ ହୋହଲ୍ଲା କରିଥିଲେ। ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ଓ ଟାଉନ ଥାନାଧିକାରୀ ଉମାଶଙ୍କର ନାୟକ ପହଞ୍ଚି ବୁଝାଶୁଝା କରିବା ପରେ ସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା। ଏନେଇ ପୋଲିସ ଏକ ମାମଲା (ନଂ.୪୭୯/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି।





ଜିଲା ମୁଖ୍ୟ ଚିକିତ୍ସାଳୟ ଆଗରେ ମୃତ ଯୁବତୀଙ୍କ ପରିବାର ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

# ପାନୀୟଜଳ ନ ପାଇ ତାତିଲେ ଲୋକେ

**ରାଜପଥ ଅବରୋଧ କଲେ**

ବାରିପଦା ଅଫିସ,୪।୧୨

ମୟୂରଭଞ୍ଜ ଜିଲା ବାରିପଦା ସହର ମଧୁବନ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ବନ୍ଦକୁ ନେଇ ତାତିଲେ ସ୍ଥାନୀୟ ଲୋକେ। ସେମାନେ ରବିବାର ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ପ୍ରକାଶ ଯେ, ଶନିବାର ଏହି ଅଞ୍ଚଳକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ହଠାତ୍ ବନ୍ଦ ହୋଇଯାଇଥିଲା। ଅଞ୍ଚଳବାସୀ ପାଣି ପାଇଁ ହନ୍ତସନ୍ତ ହେବା ସହ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବାରମ୍ବାର ଫୋନ୍ ମାଧ୍ୟମରେ ଅଭିଯୋଗ ପରେ ମଧ ବିଭାଗୀୟ ଅଧିକାରୀ କିମ୍ବା ପୌର ପରିଷଦର କୌଣସି କର୍ମଚାରୀ ପହଞ୍ଚି ନ ଥିବାରୁ ଜନଅସନ୍ତୋଷ ତେଜିଥିଲା।



ଉତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ରବିବାର ସକାଳେ ଉତ୍ୟକ୍ତ ଲୋକେ ନିରୁପାୟ ହୋଇ ପାନୀୟ ଜଳ ଯୋଗାଇବା ଦାବିରେ ରାସ୍ତାରୋକୋ ନିଷ୍ପତ୍ତି ନେଇଥିଲେ। ଅଞ୍ଚଳର ମହିଳା ଓ ପୁରୁଷମାନେ ଏକାଠି ହୋଇ ବାରିପଦା-ଉଦଳା ରାଜ୍ୟ ରାଜପଥରେ ଦୀର୍ଘ ସମୟ ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିଥିଲେ। ଖବରପାଇ ଟାଉନ ଥାନା ପୋଲିସ ଓ ବିଭାଗୀୟ ଯନ୍ତ୍ରୀ ସେଠାରେ ପହଞ୍ଚିଥିଲେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଜଣାପଡ଼ିଥିବା ବେଳେ ତୁରନ୍ତ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ଅବରୋଧ ହଟିଥିଲା।

## ଥାନା ଘେରିଲେ ଗ୍ରାମବାସୀ

ଯୋଡ଼ା,(ଡି.ଏନ୍.ଏ): କେନ୍ଦୁଝର ଜିଲା ବାମେବାରୀ ଥାନା ପୋଲିସର କାର୍ଯ୍ୟକଳାପରେ ଅସନ୍ତୋଷ ହୋଇ ସ୍ଥାନୀୟ ଉଚ୍ଚବାଲି ଗ୍ରାମବାସୀ ଥାନା ଘେରାଉ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଆସନ୍ତା ଶୁକ୍ରବାର ଦିନ ହେବାକୁ ଥିବା ଉଷା ପର୍ବ ପାଇଁ ରବିବାର ବୈଠକ ଚାଲିଥିଲା। ସେ ସମୟରେ ପୋଲିସ ବାରମ୍ବାର ଆସିବାରୁ ଲୋକେ ପୋଲିସ ଗାଡ଼ିକୁ ଅଟକାଇଥିଲେ। ପରେ ପୋଲିସ ୫/୬ ଥର ଗ୍ରାମକୁ ଯାଇଥିଲା। ଏଥିରେ ଲୋକେ ଅସନ୍ତୋଷ ହୋଇ ଥାନା ଘେରାଉ କରିଥିଲେ। ଲୋକେ ବିଜେଡି ପତାକା ଧରି ତୀବ୍ର ବିରୋଧ କରିଥିବା ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### ୫ ଟ୍ରାନ୍ସଫର୍ମରରୁ ନେଇଗଲେ ତେଲ, ତମ୍ବାତାର

ତେଲକୋଇ,୩।୧୨(ଡି.ଏନ.ଏ.): କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍‌ର ୧୩ ପଞ୍ଚାୟତରେ ହାତୀଙ୍କ ସୁରକ୍ଷା ପାଇଁ ବିଦ୍ୟୁତ୍ ବିଦ୍ୟୁତ୍ କାଟ୍ କରାଯାଉଛି। ଏହାର ସୁଯୋଗ ନେଇ ଚୋର ୫ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଖୋଲି ତେଲ ଓ ତମ୍ବା ତାର ନେଇଯାଇଛନ୍ତି। ଏ ନେଇ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ଗୋବିନ୍ଦ ସାହୁ ତେଲକୋଇ ଥାନାରେ ଅଭିଯୋଗ କରିଛନ୍ତି। ଦୁର୍ବୃତ୍ତମାନେ ଗତ ଶୁକ୍ରବାର ବିଳମ୍ବିତ ରାତିରେ ପୁରୁଯୋଡ଼ା ପଞ୍ଚାୟତର ବ୍ରାହ୍ମଣିକଂସର, କରଙ୍ଗାପାଳ ଓ ପୁରୁଯୋଡ଼ା ଗାଁର ମହାନ୍ତ ସାହିରୁ ୩ଟି ଏବଂ ଶନିବାର ଖୁଣ୍ଟାପଡ଼ା ପଞ୍ଚାୟତରୁ ୧, ତେଲକୋଇ ହାଟପଡ଼ିଆଠାରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଖୋଲି ତେଲ ଓ ତମ୍ବା ତାର ନେଇଯାଇଛନ୍ତି। ତେଲକୋଇ ଥାନାରେ ନଂ. ୪୫/୨୨ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

### ଗୁରୁକୁଳ ଆଶ୍ରମରେ ସେବା ଶିବିର

ରୂପସା,୪।୧୨(ଡି.ଏନ.ଏ.)- ବାଲେଶ୍ୱର ସଦର ବ୍ଲକ ଅଧୀନ ପିଣ୍ଡାବଣିଆ ବୈଦିକ ଗୁରୁକୁଳ ଆଶ୍ରମରେ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ, ବାଲେଶ୍ୱର ପକ୍ଷରୁ ଏକ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯୋଗ, ବିଶ୍ୱକଲ୍ୟାଣ ଯଜ୍ଞ, ଗୋମାତା ସେବା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଆଶ୍ରମରେ ରହୁଥିବା ବ୍ରହ୍ମଚାରୀମାନଙ୍କୁ ଅନ୍ନ, ପାଠ୍ୟ ସାମଗ୍ରୀ ଏବଂ ଶୀତବସ୍ତ୍ର ଆଦି ବଣ୍ଟନ କରାଯାଇଥିଲା। ଆଶ୍ରମର ସଞ୍ଚାଳକ ଆଚାର୍ଯ୍ୟ ବିଜୟ ଜୀଙ୍କ ପୌରହିତ୍ୟରେ ସମସ୍ତ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ଯୋଗ ମହୋତ୍ସବର ସଭାପତି ସୁଜିତ୍ ଜେନା, ଆଚାର୍ଯ୍ୟ ବିଜୟ ଜୀ ଓ ଗୁରୁମା ପ୍ରମିଳା ଶିବିରାର୍ଥୀମାନଙ୍କୁ ଯୋଗ ପ୍ରଶିକ୍ଷଣ ପ୍ରଦାନ ସହ ଯଜ୍ଞ କାର୍ଯ୍ୟ କରିଥିଲେ। ବିଶ୍ୱ କଲ୍ୟାଣ ପାଇଁ ସମସ୍ତେ ସାମୁହିକ ଭାବରେ ଯଜ୍ଞରେ ଆହୁତି ପ୍ରଦାନ କରିଥିଲେ। ଶିବିରରେ ରାଜ୍ୟ ସରକାରୀ କର୍ମଚାରୀ ସଂଘ, ବାଲେଶ୍ୱରର ସଭାପତି ଇଂ. ବନମାଳୀ ନାୟକ, ସମ୍ପାଦକ ବସନ୍ତ ନାୟକ, ଯୁଗ୍ମ ସମ୍ପାଦକ ସୁଦର୍ଶନ ଦାସ, ଯୁଗ୍ମ ସମ୍ପାଦିକା ସାବିତ୍ରୀ ଦାସ, କୋଷାଧକ୍ଷ ଦାମୋଦର ନାୟକ, କେଶବ ଚନ୍ଦ୍ର ମହାନ୍ତି, ମୌସୁମୀ ମହାନ୍ତି, ପ୍ରାଣକୃଷ୍ଣ ମହାପାତ୍ର, ସୁମତି ମହାପାତ୍ର, ରୀତା ରାୟ, ଜ୍ୟୋତ୍ସ୍ନା ରାୟ, ଜ୍ୟୋତ୍ସ୍ନାରାଣୀ ଜେନା, କାମିନୀକାନ୍ତ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଗଣେଶ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଭଦ୍ରକରେ ପହଞ୍ଚିଲା ସାନ୍ତାଳୀ ଭାଷା ଶିକ୍ଷକଙ୍କ ପଦଯାତ୍ରା

ଭଦ୍ରକ ଅଫିସ, ୪।୧୨-ଚାକିରି ନିୟମିତ ଦାବିରେ ମୟୂରଭଞ୍ଜରୁ ନବୀନ ନିବାସ ଅଭିମୁଖେ ବାହାରିଥିବା ସାନ୍ତାଳୀ ଭାଷା ଶିକ୍ଷକଙ୍କ ପଦଯାତ୍ରା ରବିବାର ସନ୍ଧ୍ୟାରେ ଭଦ୍ରକରେ ପହଞ୍ଚିଥିଲା। ପାରମ୍ପରିକ ବାଦ୍ୟ ବଜାଇ ଶତାଧିକ ସାନ୍ତାଳୀ ଶିକ୍ଷୟିତ୍ରୀ ଶିକ୍ଷକ ମୟୂରଭଞ୍ଜ ଜିଲାର ରାଇରଙ୍ଗପୁର ପୋଖରିଆ ଗ୍ରାମରୁ ଗତ ନଭେମ୍ବର ୧୫ରୁ ପଦଯାତ୍ରାରେ ବାହାରିଛନ୍ତି। ୩୪ ଦିନ ଧରି ଜିଲାର ବିଭିନ୍ନ ଅଫିସ୍ ଆଗରେ ଦିବାରାତ୍ର ଧାରଣାରେ ବସିଥିଲେ ମଧ ପ୍ରଶାସନ ନ ଶୁଣିବାରୁ ଶେଷରେ ପଦଯାତ୍ରାରେ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇବାକୁ ନିଷ୍ପତ୍ତି ନିଆଯାଇଥିବା ସାନ୍ତାଳୀ ଶିକ୍ଷକ ରମାକାନ୍ତ ମାରାଣ୍ଡି କହିଛନ୍ତି। ମୁଖ୍ୟମନ୍ତ୍ରୀ ଗୁହାରି ନ ଶୁଣିଲେ ନିଯୁକ୍ତିପତ୍ର ଫେରାଇବା ସହ ଶିକ୍ଷକ ପୋଷାକ ଅବତରଣ କରି ନବୀନ ନିବାସ ପାଚେରୀରେ ଟାଙ୍ଗି ଦେଇ ଫେରିବୁ ବୋଲି ସେ ପ୍ରକାଶ କରିଛନ୍ତି।

### ଓୟୁଜେ କେନ୍ଦୁଝର ଶାଖାର କାର୍ଯ୍ୟକାରିଣୀ

ଝୁମ୍ପୁରା,୪।୧୨(ଡି.ଏନ.ଏ): କେନ୍ଦୁଝର ଜିଲାର ଝୁମ୍ପୁରା କଲ୍ୟାଣ ମଣ୍ଡପଠାରେ ରବିବାର ଓଡ଼ିଶା ୟୁନିୟନ ଅଫ୍ ଜର୍ନାଲିଷ୍ଟ (ଓୟୁଜେ) ଜିଲା ଶାଖାର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓୟୁଜେ ଜିଲା ଶାଖାର ସଭାପତି କ୍ଷେତ୍ରବାସୀ ମହାକୁଡ଼ଙ୍କ ସଭାପତିତ୍ୱରେ ଜିଲା ଶାଖାର ସାଧାରଣ ସମ୍ପାଦକ ମାନସ ରଞ୍ଜନ ତ୍ରିପାଠୀ ବିବରଣୀ ପାଠ କରିବା ସହିତ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରି କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ ସୁରକ୍ଷା ଦେବାକୁ ଦାବି କରିଥିଲେ। ଉପସଭାପତି ଶଶିଭୂଷଣ ସାହୁ, କୋଷାଧକ୍ଷ ଅଭୟ ମହାନ୍ତି, ବରିଷ୍ଠ ସାମ୍ବାଦିକ ତାପସ ରଥ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧରେ ୟୁନିଅନର ସହ ସମ୍ପାଦକ ବିରଞ୍ଚି ପ୍ରସାଦ ବେହେରା, ଅଫିସ ସେକ୍ରେଟାରୀ ସୁଦାମ ପତି, ସୁଦର୍ଶନ ସ୍ୱାଇଁଙ୍କ ସମେତ ବିଭିନ୍ନ ଅଞ୍ଚଳରୁ ୟୁନିଅନର ସଦସ୍ୟ ଯୋଗ ଦେଇଥିଲେ। ଏହି ଅବସରରେ ବ୍ଲକ୍‌ର ୧୦ରୁ ଉର୍ଦ୍ଧ୍ୱ କାର୍ଯ୍ୟରତ ସାମ୍ବାଦିକ ନୂତନ ସଦସ୍ୟତା ଗ୍ରହଣ କରିଥିଲେ।

# ସିଦ୍ଧ ଜଗନ୍ନାଥଙ୍କୁ ଲାଗି ହେଲା ୧୦୮ ବ୍ୟଞ୍ଜନ

କେନ୍ଦୁଝର,୪।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲାର ପ୍ରାଚୀନ ଶକ୍ତିପୀଠ ସିଦ୍ଧମଠଠାରେ ବିରାଜମାନ କରିଥିବା ସିଦ୍ଧ ଜଗନ୍ନାଥଙ୍କ ମନ୍ଦିରରେ ରବିବାର ଦିନ ବ୍ୟଞ୍ଜନ ଦ୍ୱାଦଶୀ ପାଳିତ ହୋଇଯାଇଛି। ବ୍ୟଞ୍ଜନ ଦ୍ୱାଦଶୀରେ ୧୦୮ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇ ଜଗନ୍ନାଥଙ୍କୁ ଲାଗି ହୋଇଥିଲା। ଏଥିରେ ଭଜା ଖିଚିଡ଼ି, ଦଳା ଖିଚଡ଼ି, କାନିକା, ପଲଉ, ଅରୁଆ ଅନ୍ନ, ମୁଗ ଡ଼ାଲି, ବୁଟ ଡାଲି, ଓଉ ଖଟା, ସାକର, ରୋଚକ, ଦହି, ଜିଲାପି, ରସଗୋଲା, ଖିରି, ମଣ୍ଡା, କାକରା, ଦେବୀ ଲଡ୍ଡୁ, ଟାଟ, ମନୋହର, ନଡ଼ିଆ, ବିଭିନ୍ନ ଫଳ ଆଦି ସିଦ୍ଧ ଜଗନ୍ନାଥଙ୍କ ନିକଟରେ ଲାଗି ହୋଇଥିଲା। ସୂଚନାଯୋଗ୍ୟ, ୨୦୧୫ ମସିହାଠାରୁ ଏହି ବ୍ୟଞ୍ଜନ ଦ୍ୱାଦଶୀ ସିଦ୍ଧ ଜଗନ୍ନାଥଙ୍କ



ପରଷା ଯାଇଥିବା ବ୍ୟଞ୍ଜନ।

ମନ୍ଦିରରେ ଅନୁଷ୍ଠିତ ହେଉଛି। ପୁରୁଣା ସହରର ମଧୁସୂଦନ ମିଶ୍ର, ରଞ୍ଜନ ତ୍ରିପାଠୀ, ସଚ୍ଚିଦାନନ୍ଦ ମହାପାତ୍ର, ଆନନ୍ଦ ଖଣ୍ଡେଇ, ପୂଜକ ସଞ୍ଜୟ ତ୍ରିପାଠୀ, ସୁଜିତ ଦାଶ, ସୁଆର ହରିହର ପାଢ଼ୀ, ଚୁଲୁ ସିଂ ପ୍ରମୁଖଙ୍କ ଉଦ୍ୟମରେ ବ୍ୟଞ୍ଜନ ଦ୍ୱାଦଶୀ ପାଳିତ ହୋଇଥିଲା। ପହଣ୍ଡିଆ ସେବକମାନେ ପୂଜା ପଦ୍ଧତି ସମ୍ପାଦନ କରିଥିଲେ। ଶେଷରେ ଶ୍ରଦ୍ଧାଳୁଙ୍କୁ ଭୋଗ ପରସା ଯାଇଥିଲା।

# ଆଜି ଭଦ୍ରକ ସହର ବନ୍ଦ

## ମେଡିକାଲ କଲେଜ, ବିଶ୍ୱବିଦ୍ୟାଳୟ ଦାବିରେ କଂଗ୍ରେସର ଡାକରା

ଭଦ୍ରକ ଅଫିସ, ୪।୧୨

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଓ ଜିଲାରେ ମେଡିକାଲ କଲେଜ ଦାବିରେ କଂଗ୍ରେସ ପକ୍ଷରୁ ବନ୍ଦ ଡାକରା ଦିଆଯାଇଛି। ସୋମବାର ଭଦ୍ରକ ସହର ସକାଳ ୬ରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ୮ ଘଣ୍ଟା ବନ୍ଦ ରହିବ। ଦୀର୍ଘଦିନ ଧରି ବିଭିନ୍ନ ସଙ୍ଗଠନ ପକ୍ଷରୁ ବାରମ୍ବାର ଦାବି ସତ୍ତ୍ୱେ ସରକାର ଏହି ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଓ ବିଶ୍ୱବିଦ୍ୟାଳୟ ଘୋଷଣା ନେଇ କୌଣସି ପଦକ୍ଷେପ ନେଉନାହାନ୍ତି। ସହର ବନ୍ଦ କରାଯିବା ନେଇ ଗତମାସ ୨୮ ତାରିଖରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। ଜିଲାବାସୀଙ୍କ ସ୍ୱାର୍ଥ ପାଇଁ ଏହି ବନ୍ଦ ଡାକରା ଦିଆଯାଇଥିବା ଭଦ୍ରକ ବିଧାନସଭା କ୍ଷେତ୍ର କଂଗ୍ରେସ ନେତା ନଳିନୀକାନ୍ତ ମହାନ୍ତି କହିଛନ୍ତି।

# ବିଶ୍ୱ ଦିବ୍ୟାଙ୍ଗ ଦିବସ




ମଞ୍ଚାସୀନ ଅତିଥିମାନେ।

ଔପଦା,୪।୧୨

ବାଲେଶ୍ୱର ଜିଲା ଔପଦା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳନ କରାଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଶ୍ରୀ ବିସିବିମ୍ବା ପାତ୍ର, ସମ୍ମାନିତ ଅତିଥି ଉପାଧ୍ୟକ୍ଷ ପ୍ରଭାକର ସାହୁ, ୧ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ମୁନି ସିଂ, ଏବିଇଓ ସୀତା ହାଁସଦା ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗମାନେ ସମାଜରେ କେଉଁ ଗୁଣରେ କମ ନୁହଁନ୍ତି, ସେମାନଙ୍କୁ ସମ୍ମାନ ଓ ସ୍ନେହ କରିବା ଉଚିତ୍ ବୋଲି କହିଥିଲେ। ବି. ଆର. ଟି ଲମ୍ବୋଧର ମିଶ୍ର ଓ ମଲ୍ଲୀକାଲତା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ସୁଶାନ୍ତ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୂର୍ବାହ୍ଣରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ଏକ ରାଲିରେ ବିଇଓଙ୍କ କାର୍ଯ୍ୟାଳୟରୁ ବାହାରି ବଜାର ପରିକ୍ରମା କରିଥିଲେ। ମୁରୁଜ, ଚିତ୍ରାଙ୍କନ ଓ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ସତ୍ୟରଞ୍ଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏବିଇଓ ରତ୍ନାକର ଦାସଙ୍କ ସମେତ ସମସ୍ତ କର୍ମଚାରୀ ଓ ଶିକ୍ଷୟିତ୍ରୀଶିକ୍ଷକମାନେ ପରିଚାଳନାରେ ସହଯୋଗ କରିଥିଲେ। ସାମାଜିକ କର୍ମୀ ଗୟାଧର ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଥଲା।

# ‘ଶିକ୍ଷା ସମସ୍ତ ନାଗରିକଙ୍କ ମୌଳିକ ଅଧିକାର’

ଭଣ୍ଡାରିପୋଖରୀ, ୪।୧୨(ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀ ପଞ୍ଚାୟତ ଶୁକଦେବ ଜେନା ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଦୁଇଦିନ ବ୍ୟାପୀ ପାଳିତ ହୋଇଯାଇଛି। ସୁବର୍ଣ୍ଣ ଜୟନ୍ତୀ କମିଟିର କାର୍ଯ୍ୟକାରୀ ସଭାପତି ରମେଶ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ଏମ୍‌ପି ମଞ୍ଜୁଲତା ମଣ୍ଡଳ ଏବଂ ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରତାପ ପ୍ରତିମୟ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷା ସମସ୍ତଙ୍କ ନାଗରିକଙ୍କ ମୌଳିକ ଅଧିକାର ବୋଲି ବିଧାୟକ ସାମଲ କହିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତି ସହ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଯାଜପୁର ଏଡିଏମ୍ ତଥା ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ଅକ୍ଷୟ କୁମାର ମଲ୍ଲିକ ଆଭିମୁଖ୍ୟ ପ୍ରଦାନ, ଡ. ସୁଧୀର ଜେନା ସ୍ୱାଗତ ଭାଷଣ ଓ ଅମିୟ କୁମାର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବ ଆବାହକ ତଥା ଯୁବ ଉଦ୍ୟୋଗୀ ସଞ୍ଜୀବ କୁମାର ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ମଞ୍ଚରେ ପରିବେଷିତ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସୁବର୍ଣ୍ଣ ଜୟନ୍ତୀ କମିଟିର ସଦସ୍ୟ ଗଗନ ସେଠୀ, ବିଜୟ କୁମାର ଲେଙ୍କା, ପ୍ରଦୀପ ପରିଡ଼ା, ଅମୂଲ୍ୟ ତ୍ରିପାଠୀ, ତ୍ରୈଲୋକ୍ୟ ମିଶ୍ର, ଶ୍ରୀଧର ସ୍ୱାଇଁ, ବଂଶୀଧର ସେଠୀ, ଅରୁଣ ମିଶ୍ର, ଧିରେନ୍ଦ୍ର ନାୟକ, ରବୀନ୍ଦ୍ର ସେନାପତି, ବିଭୂତି ମହାନ୍ତି, ନନ୍ଦକିଶୋର ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବହୁ ପୁରାତନ ଛାତ୍ରୀଛାତ୍ର ଉତ୍ସବରେ ଯୋଗ ଦେଇଥିଲେ।



ଶୁକଦେବ ଜେନା ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# କୃଷିକାର୍ଯ୍ୟରେ ନିୟୋଜିତ ହୋଇ ମହିଳା ସ୍ୱାବଲମ୍ବୀ ହୋଇପାରିବେ

ବାରିପଦା ଅଫିସ,୪।୧୨

କୃଷି ବିଜ୍ଞାନ କେନ୍ଦ୍ର ମୟୂରଭଞ୍ଜ-୧ ଆନୁକୂଲ୍ୟରେ ଶ୍ୟାମାଖୁଣ୍ଟା ବ୍ଲକ୍ କଣ୍ଟାପାଳ ଗ୍ରାମରେ କୃଷିଜୀବୀ ମହିଳା ଦିବସ ପାଳିତ ହୋଇଯାଇଛି। କେନ୍ଦ୍ରର ମୁଖ୍ୟ ଡ.ସଂଘମିତ୍ରା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ଶିଶୁ ବିକାଶ ଯୋଜନା ଅଧିକାରିଣୀ ଉର୍ମିଳା ବେହେରା, ବାଲିଡ଼ିହା ମହିଳା ପରିଦର୍ଶିକା ବିଟୁ ଗୁଡୁ ପ୍ରମୁଖ ଉପସ୍ଥିତ ରହି କୃଷି କାର୍ଯ୍ୟକରି ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଛନ୍ତି। ଉପସ୍ଥିତ ଶତାଧିକ ମହିଳାମାନଙ୍କୁ ଛତୁ ମଞ୍ଜି ଉତ୍ପାଦନ ଓ ଛତୁ ଚାଷ କ୍ଷେତ୍ରରେ ମହିଳାମାନେ ନିଜକୁ ନିୟୋଜିତ କରି ଅଧିକ ଲାଭବାନ ହେବା ସହ ସ୍ୱାବଲମ୍ବୀ ହୋଇପାରିବେ ବୋଲି ପରାମର୍ଶ ଦେଇଛନ୍ତି। କୃଷି ଓ ଆନୁଷଙ୍ଗିକ କୃଷିକୁ ଆପଣାଇ ପାରିଲେ ଅଧିକ ଆୟ ବୃଦ୍ଧି ହୋଇପାରିବ ବୋଲି ଅଧିକାରୀମାନେ କହିଥିଲେ।

# ଶ୍ରୀ ଅରବିନ୍ଦ ସାଧନାଳୟ ପକ୍ଷରୁ କର୍ମଶାଳା

ଗୋପବନ୍ଧୁ ନଗର, ୪।୧୨(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ୍ କୁଆମରା ପଞ୍ଚାୟତ ପଟୁଆ ଗ୍ରାମର ଶ୍ରୀଅରବିନ୍ଦ ସାଧନାଳୟ ତରଫରୁ ଶ୍ରୀ ଅରବିନ୍ଦଙ୍କ ୧୫୦ ତମ ଜୟନ୍ତୀ ଅବସରରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲା (ଆସ୍ଥା ଜୋନ)ର ୫୦ରୁ ଉର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ। ଚିତ୍ତରଞ୍ଜନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଜିଲା ମୁଖ୍ୟ ସଂଗଠକ ପ୍ରଫୁଲ୍ଲଚନ୍ଦ୍ର ମହାଳିକ ଅଧ୍ୟକ୍ଷତା କରିଥିଲେ। ୩ ଦିନ ଧରି ଅନୁଷ୍ଠିତ କର୍ମଶାଳାରେ ରାଜ୍ୟ ଶିକ୍ଷା ସଂଯୋଜକ ବ୍ରଜମୋହନ ବେହେରା, ନାରାୟଣ ଅଗସ୍ତି, ପ୍ରଦୀପ ଧଳ, ଆସ୍ଥା ଜୋନ ସଂଗଠକ ଶଶିକାନ୍ତ ଭୋଇ, ସତ୍ୟାନନ୍ଦ ବାରିକ, ଭଦ୍ରକ ଜିଲା ଆବାହକ ପ୍ରଦୀପ ଜେନା, ଗଣେଶ ପ୍ରସାଦ ମହାପାତ୍ର, ମହିଳା ଆବାହିକା ଜୟନ୍ତୀ ସର୍ଦ୍ଦାର, ରାଜ୍ୟ ସଂଗଠକ ଲମ୍ବୋଦର ଦେ, ପ୍ରମୋଦ ଦାସ, ପ୍ରଶାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ଖବରଦାତାଙ୍କୁ ଦୁର୍ବ୍ୟବହାର ସହ ଅଶାଳୀନ ପୋଷ୍ଟ



ଟାଉନ୍ ଥାନା ଆଗରେ ଧାରଣାରତ ଖବରଦାତାମାନେ।

## କାର୍ଯ୍ୟାନୁଷ୍ଠାନ ଦାବିରେ ଥାନା ଆଗରେ ଧାରଣା

ଭଦ୍ରକ ଅଫିସ, ୪।୧୨

ଚରମ୍ପା ବରାଳପୋଖରୀ ଗ୍ରାମର ଜଣେ ଯୁବତୀଙ୍କ ଆତ୍ମହତ୍ୟାକୁ ନେଇ ରବିବାର ସକାଳେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ଆଗରେ ହୋହଲ୍ଲା ହୋଇଥିଲା। ଏହି ଖବର ସଂଗ୍ରହ କରିବାକୁ ଯାଇଥିବା କେତେଜଣ ଖବରଦାତାଙ୍କୁ ଜଣେ ଯୁବକ ଦୁର୍ବ୍ୟବହାର କରିଛନ୍ତି। ସେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ସେମାନଙ୍କୁ ମାରିବାକୁ ଧମକ ଦେଇଥିଲେ। ଏପରିକି ସାମାଜିକ ଗଣମାଧ୍ୟମରେ ମଧ ଖବରଦାତାମାନଙ୍କ ବିଷୟରେ ସେ ଅଶାଳୀନ ପୋଷ୍ଟ କରିଛନ୍ତି। ଭଦ୍ରକର କାର୍ଯ୍ୟରତ ଖବରଦାତାମାନେ ଉକ୍ତ ଯୁବକଙ୍କ ବିରୋଧରେ ଟାଉନ ଥାନାରେ ଏତଲା ଦେବା ସହ ତାଙ୍କୁ ତୁରନ୍ତ ଗିରଫ ପାଇଁ ଦାବି କରିଥିଲେ। ଏଥିସହ ସେମାନେ ଏନେଇ ଏସ୍‌ପିଙ୍କୁ ଭେଟିଥିଲେ। ଉକ୍ତ ଯୁବକଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଟାଉନ ଥାନାଧିକାରୀ ଉମାଶଙ୍କର ନାୟକ ପ୍ରତିଶ୍ରୁତି ଦେଇଥିଲେ। ସନ୍ଧ୍ୟା ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଖବରଦାତାମାନେ ଟାଉନ ଥାନା ଆଗରେ ଧାରଣା ଦେଇଥିଲେ। ଖବରଦାତା ଅପୂର୍ବ ବେହେରା, ଜ୍ଞାନ ପ୍ରକାଶ ପାଣି, ପ୍ରିୟଦର୍ଶନ ବୋଇତି, ପାର୍ଥ ସାରଥୀ ନାୟକ, ଅବିନାଶ ପଣ୍ଡା, ସୌମ୍ୟ ରଞ୍ଜନ ପାଢ଼ୀ, ଜଗବନ୍ଧୁ ବେହେରା ପ୍ରମୁଖ ଏଥିରେ ସାମିଲ ଥିଲେ। ପୋଲିସ ଏକ ମାମଲା (ନଂ.୪୮୦/୨୨) ରୁଜୁ କରିଛି। ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ।

# ବିଇଓଙ୍କୁ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଦାବିପତ୍ର

ଖଇରା,୪।୧୨(ଡି.ଏନ.ଏ.)

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ-କର୍ମଚାରୀ ସମନ୍ୱୟ ସମିତି ଖଇରା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ନେଇ ଏକ ବୈଠକ ଶନିବାର ଦୀନବନ୍ଧୁ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଓ କର୍ମଚାରୀଙ୍କୁ ୭ମ ବେତନ ଅନୁଯାୟୀ ଦରମା ପ୍ରଦାନ, ୨୦୧୮ ଜିଆଇଏ ଅଧୀନରେ ଶିକ୍ଷକଙ୍କୁ ୭ମ ବେତନ ଓ ହିନ୍ଦୀ ସଂସ୍କୃତ, ମଦ୍ରାସା ଓ ଖେଳ ଶିକ୍ଷକଙ୍କୁ ବର୍ଦ୍ଧିତ ହାରରେ ଦରମା ପ୍ରଦାନ, ନୂତନ ସାହାଯ୍ୟପ୍ରାପ୍ତ ବିଦ୍ୟାଳୟକୁ ଅବସରକାଳୀନ ସୁବିଧା ପ୍ରଦାନ, ଅବସର ସମୟ ୬୦ରୁ ୬୨କୁ ବୃଦ୍ଧି କରିବା ଭଳି ଦାବି ସମ୍ପର୍କରେ ନେତୃବୃନ୍ଦ ଆଲୋଚନା କରିଥିଲେ। ପରେ ଏକ ଦାବିପତ୍ର ବିଇଓଙ୍କ ଅନୁପସ୍ଥିତିରେ ଏବିଇଓ ଶ୍ରୀଧର ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ଷଡାନନ ପାଣିଗ୍ରାହୀ,ସଚ୍ଚିଦାନନ୍ଦ ମହାପାତ୍ର, ଗୟାଧର ନାୟକ, ବିଷ୍ଣୁ ପ୍ରସାଦ ମିଶ୍ର ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

# ଦୁର୍ଘଟଣାରେ ଏଲ୍‌ଆଇସି ବିଏମ୍‌ଙ୍କ ମୃତ୍ୟୁ

କେନ୍ଦୁଝର/ଆନନ୍ଦପୁର,୪।୧୨ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘସିପୁରା ଥାନା ଅନ୍ତର୍ଗତ ୨୦ ନଂ. ଜାତୀୟ ରାଜପଥର ଦରଖଳାଠାରେ ରବିବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। କେନ୍ଦୁଝର ଜିଲା ଜୀବନବୀମା ନିଗମ ଶାଖା ପରିଚାଳକ(ଏଲ୍‌ଆଇସି ବିଏମ୍) ନାରାୟଣଚନ୍ଦ୍ର ମଲିକ(୫୬)ଙ୍କ ମୃତ୍ୟୁ ହୋଇଛି। ତାଙ୍କ ଘର କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଶିଙ୍ଗାଁରେ ବୋଲି ଜଣାପଡ଼ିଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ନାରାୟଣ ନିଜ କାର୍ ଯୋଗେ ଆନନ୍ଦପୁର ଶୈଳଙ୍ଗଠାରେ ଥିବା ଜୀବନବୀମା ଶାଖା କାର୍ଯ୍ୟାଳୟକୁ ଏକ ବୈଠକରେ ଯୋଗଦେବାକୁ ଯାଉଥିଲେ। ଦରଖଳା ରଙ୍ଗମାଟିଆ ଛକ ନିକଟରେ ତାଙ୍କ କାର୍‌ଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଚାପି ହୋଇ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଘସିପୁରା ପୋଲିସ ପହଞ୍ଚି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତ୍ୟୁରେ କଟକ ମଣ୍ଡଳର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅମିୟ ଭୂଷଣ ରଥ ଶୋକ ପ୍ରକାଶ କରିଛନ୍ତି।

# ୪୦ ୟୁନିଟ୍ ରକ୍ତ ସଂଗ୍ରହ

ବାଲେଶ୍ୱର ଅଫିସ,୪।୧୨

ବାଲେଶ୍ୱର ଜିଲା ରକ୍ତଭଣ୍ଡାରରେ ରକ୍ତର ଅଭାବକୁ ଆଖି ଆଗରେ ରଖି ରବିବାର ସାମାଜିକ ଅନୁଷ୍ଠାନ ଏସ୍‌ଆର୍‌ବି ସ୍ୱସ୍ତିକ ପୋଦ୍ଦାର୍ଟି ଫାଉଣ୍ଡେସନ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ଥିବା ରକ୍ତ ଭଣ୍ଡାରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଫାଉଣ୍ଡେସନର ଅଧ୍ୟକ୍ଷା ସଂଯୁକ୍ତା ରାଣୀ ବେହେରା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର ଓ ପୌରାଧ୍ୟକ୍ଷା ସବିତା ସାହୁ ଅତିଥି ରୂପେ ଯୋଗ ଦେଇଥିଲେ। ସାମାଜିକକର୍ମୀ ମହମ୍ମଦ ସାହିରୁଲ୍ ହକ୍ ଶିବିରରେ ଉପସ୍ଥିତ ରହି ଯୁବପିଢ଼ିଙ୍କୁ ରକ୍ତଦାନର ମହତ୍ତ୍ୱ ସମ୍ପର୍କରେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ବିକ୍ରମ ପଣ୍ଡା, ୩୧ନଂ. ୱାର୍ଡର କାଉନ୍‌ସିଲର ରଞ୍ଜିତା ମହାପାତ୍ର, ଦୀପକ୍ ପ୍ରଧାନ, ଅମିତା ଚାନ୍ଦ, ସବିତା ମୋହାନ୍ତି, ରଣଜିତ୍ କୁମାର ପୃଷ୍ଟି, ରଜତ ବାରିକ୍, ଗତିକୃଷ୍ଣ ପାତ୍ର, ପ୍ରିନ୍ସ ଆର୍ଯ୍ୟନ୍, ସୁଶାନ୍ତ ରଣା, ହ୍ରିଥିକ ନାୟକ, ଛବିରାଣି ମନ୍ତ୍ରୀ ପ୍ରମୁଖ ଶିବିର ପରିଚାନାରେ ସହଯୋଗ କରିଥିଲେ। ଏହି ଶିବିରରୁ ମୋଟ୍ ୪୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା



ଅତିଥିଙ୍କ ଗହଣରେ ରକ୍ତଦାତା ।

# ଜେଏଏମ୍‌ଏମ୍ ପକ୍ଷରୁ ମୟୂରଭଞ୍ଜ ବନ୍ଦ ଚେତାବନୀ

## ସାନ୍ତାଳୀ ଭାଷା ଶିକ୍ଷକଙ୍କୁ ନ୍ୟାୟ ଦାବି

ବିଶୋଇ,୪।୧୨(ଡି.ଏନ୍.ଏ)

ମୟୂରଭଞ୍ଜ ଜିଲାର ଅଲଚିକି, ୱାରାଙ୍ଗଚିତି ଓ ମୁଣ୍ଡାରୀ ଭାଷାଭାଷୀ ଶିକ୍ଷକଙ୍କ ନ୍ୟାୟ ପ୍ରଦାନ ଦାବିରେ ଆଗାମୀ ଦିନରେ ବିଛିନ୍ନାଞ୍ଚଳ ଝାଡ଼ଖଣ୍ଡ ଆଦିବାସୀ ମୂଳବାସୀ ମଞ୍ଚ(ଜେଏଏମ୍‌ଏମ୍) ପକ୍ଷରୁ ମୟୂରଭଞ୍ଜ ବନ୍ଦ ଚେତାବନୀ ଦିଆଯାଇଛି। ଏନେଇ ଜେଏଏମଏମର ଆବାହକ ତଥା ମୟୂରଭଞ୍ଜ ପ୍ରାକ୍ତନ ସାଂସଦ ଇଂ ରାମଚନ୍ଦ୍ର ହାଁସଦାଙ୍କ ସଭାପତିତ୍ୱରେ ସ୍ଥାନୀୟ ବିଶୋଇ ଡାକ ବଙ୍ଗଳାଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।

ସୂଚନାଥାଉକି, ରାଜ୍ୟ ସରକାର ୨୦୦୭ରେ ଅଲଚିକି ଶିକ୍ଷକ ଓ ୨୦୦୯ରେ ମୁଣ୍ଡାରୀ ଶିକ୍ଷକ ନିଯୁକ୍ତି କରିଥିଲେ। ମାତ୍ର ଅଲଚିକି ଓ ମୁଣ୍ଡାରୀ ଭାଷା ଶିକ୍ଷକମାନେ ଦୀର୍ଘ ବର୍ଷ ଧରି ଅନ୍ୟ ସାଧାରଣ ଶିକ୍ଷକମାନଙ୍କ ଭଳି ଶିକ୍ଷାଦାନ ସହିତ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟ କରୁଥିଲେ ମଧ ଏଯାବତ୍ ତାଙ୍କୁ ନିୟମିତ କରାଯାଉନି। ଶିକ୍ଷକମାନେ ନିଜ ଦାବି ନେଇ ଦୀର୍ଘ ୧ ମାସ ଧରି ଡିପିସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସରକାର ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ସାନ୍ତାଳୀ ଭାଷାଭାଷୀର ଏହି ଶିକ୍ଷକମାନେ ନିଜର ନିଯୁକ୍ତି ପତ୍ର ଓ ପୋଷାକ ଫେରାଇଦେବା ଉଦ୍ଦେଶ୍ୟରେ ଗତ ୧୫ ତାରିଖରୁ ମୟୂରଭଞ୍ଜରୁ ନବୀନ ନିବାସ ପଦଯାତ୍ରାରେ ବାହାରିଛନ୍ତି। ଅନ୍ୟପକ୍ଷରେ ୨୦୧୩ ରେ ନିଯୁକ୍ତି ପାଇଥିବା ହୋ ଓ ମୁଣ୍ଡାରୀ ଭାଷାର ବହୁଭାଷୀ ଶିକ୍ଷକମାନଙ୍କୁ ନିୟମିତ କରାଯାଇଥିଲେ ସୁଦ୍ଧା ନିଜ ଭାଷାରେ ପଢ଼ାଇ ପାରୁନାହାନ୍ତି। ସରକାରଙ୍କ ଏହିପରି ଉଦାସିନତା ନୀତିକୁ ଜେଏମଏମ ନିନ୍ଦା କରିବା ସହ ଜିଲାର ବିଭିନ୍ନ ସଙ୍ଗଠନକୁ ଏକତ୍ରିତ କରାଇ ମୟୂରଭଞ୍ଜ ବନ୍ଦ ଡାକରା ଦିଆଯିବ ବୋଲି ବୈଠକରେ ସ୍ଥିର କରାଯାଇଛି। ବୈଠକରେ ବିଭିନ୍ନ ବ୍ଲକ୍‌ର ସକ୍ରିୟ ସଦସ୍ୟ ରାମଚନ୍ଦ୍ର ହେମ୍ବ୍ରମ, ସୁଶାନ୍ତ ମାହାନ୍ତି, ତୁଳସୀ ରାମ ଟୁଡୁ, ଉଗ୍ରମ ବାସ୍କେ, ପଞ୍ଚାନନ ମୁର୍ମୁ, ରାମେଶ୍ୱର ସୋରେନ, ଗୋପାଳ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।



ଜେଏଏମ୍‌ଏମ୍‌ର ସଦସ୍ୟମାନେ।

